ଶନିବାର , ୧୮ ନଭେମ୍ବର, ୨୦୨୩

# ପିଲାଙ୍କ ଧରିତ୍ରୀ







୮
ଆଇନା

୬
କବିତା



୬



# ଖିଲି ଖିଲି ହସ

(ମା'-ପୁଅଙ୍କ ମଧ୍ୟରେ କଥାବାର୍ତ୍ତା)
ପୁଅ- ମା' ମୋର ଆଇ ଫୋନ୍ ଦରକାର।
ମା'- ହଉ ଆଇ ତ ନାହିଁ, ଅଜା ଅଛନ୍ତି। ଯଦି ହବ ମୁଁ ମାମୁଙ୍କୁ କହି ଅଜାଙ୍କ ଫୋନ୍ ତୋତେ ଦେଇଦେବି।

---

ଶିକ୍ଷକ: ଚିଣ୍ଟୁ, ତୁମେ କାହିଁକି ହୋମ୍‌ୱର୍କ କରିନ ?
ଚିଣ୍ଟୁ: ସାର୍, ମୁଁ ତ ହଷ୍ଟେଲରେ ରହୁଛି ହୋମ୍‌ୱର୍କ କେମିତି କରିବି ?
ଶିକ୍ଷକ: ହଷ୍ଟେଲରେ ରହିଲେ ଅସୁବିଧା କ'ଣ ହେଲା ?
ଚିଣ୍ଟୁ: ସାର୍, ମୋତେ ଯଦି ଆପଣ ହଷ୍ଟେଲୱାର୍କ ଦେଇଥା'ନ୍ତେ, ତେବେ ମୁଁ କରି ଦେଇଥାନ୍ତି।

---

କ୍ଲାସ୍‌ରେ ପିଲାଙ୍କୁ ସାର୍ ପଚାରିଲେ, ପିଲାମାନେ! ପନ୍ଦରଟି ଫଳର ନାମ କୁହ ?
ରାଜୁ : ସାର୍, ମୁଁ କହିବି।
ଶିକ୍ଷକ: କୁହ।
ରାଜୁ: ସାର୍, ଆମ୍ବ, ପିଜୁଳି, ସେଓ ଓ ଏକ ଡଜନ କଦଳୀ ହୋଇଗଲା ପନ୍ଦରଟି ଫଳ।

# ଖୁସିର ଉପହାର



## ଗପ

ବାଡ଼ିପଟ ବଗିଚା ଆଡ଼େ ଟିକେ ବୁଲିବାକୁ ବାହାରିଲା 'ସୃଷ୍ଟି'। ଛୋଟ ବଗିଚାଟିଏ ସିନା; କିନ୍ତୁ ଆମ୍ବ, ପଣସ ଓ ନଡ଼ିଆଗଛର ଘଞ୍ଚ ଛାଇ ସାଙ୍ଗକୁ ଛୋଟ ପୋଖରୀଟିଏ ବି ଅଛି। ବଗିଚାରେ ବୁଲୁ ବୁଲୁ ସୃଷ୍ଟିର ନଜର ପଡ଼ିଗଲା ନାଲି ପିଜୁଳି ଗଛ ଉପରେ। ଦେଖିଲା, ଗଛଟି ଫୁଲକଢ଼ରେ ଭର୍ତ୍ତି ହୋଇଯାଇଛି। ଫୁଲ ଫୁଟି ସାରି ଅନେକ କଷି ପିଜୁଳି ମଧ୍ୟ ହୋଇଗଲାଣି। ଗଛଟିକୁ ଦେଖି ସେ ଆନନ୍ଦରେ ବିଭୋର ହୋଇଗଲା।

ସୃଷ୍ଟିର ମନ ଫେରିଗଲା ୭ ବର୍ଷ ତଳକୁ। ତା'ର ସ୍ମୃତିପଟରେ ଭାସିଉଠିଲା ସେଇ ଦିନଟି, ଯେଉଁଦିନ ସେ ପାଳନ କରିଥିଲା ତା'ର ଦଶମ ଜନ୍ମବାର୍ଷିକୀ। ସେଦିନ ସେ ବହୁତ ଖୁସି ଥିଲା। ମା'ବାପାଙ୍କର ଗୋଟିଏ ବୋଲି ଝିଅ ହୋଇଥିବାରୁ ପ୍ରତିବର୍ଷ ତା' ଜନ୍ମଦିନକୁ ଧୁମଧାମରେ ପାଳନ କରାଯାଏ। ସାଜସଜ୍ଜା ହୁଏ, ଖାଇବା ପିଇବା ହୁଏ, କେକ୍ କଟାହୁଏ। ସବୁଠୁ ବଡ଼ କଥା ହେଲା, ତା' ପାଇଁ ସାଙ୍ଗମାନେ ବଢ଼ିଆ ବଢ଼ିଆ ଉପହାର ନେଇକରି ଆସନ୍ତି।

ସେଦିନ ବି ତା'ର ସବୁ ସାଙ୍ଗ ଆସିଥିଲେ ସୁନ୍ଦର ସୁନ୍ଦର ଉପହାର ନେଇ। ମାତ୍ର ତା'ର ସବୁଠୁ ପ୍ରିୟ ସାଙ୍ଗ ଥିଲା 'ଖୁସି'। ସେ ବି ବହୁ ଆଗ୍ରହରେ ଅପେକ୍ଷା କରିଥିଲା ଖୁସିକୁ। 'ଖୁସି' ଟିକିଏ ଡେରିରେ ଆସିଥିଲା ଓ ଉପହାରଟିଏ ଆଣିଥିଲା ମଧ୍ୟ। ହେଲେ ଖୁସିର ଉପହାର ଦେଖି ସୃଷ୍ଟିର ଖୁସିଟା ସେଦିନ ପାଣିଚିଆ ହୋଇଯାଇଥିଲା। ସେ ଆଣିଥିଲା ଗୋଟିଏ ନାଲି ପିଜୁଳି ଚାରାଗଛ। ସୃଷ୍ଟିର ମୁହଁ ଶୁଖିଯାଇଥିଲା।

ଖୁସି ଅନ୍ୟ ସାଙ୍ଗମାନଙ୍କୁ ନେଇ ବାଡ଼ିପଟକୁ ଗଲା। ପିଜୁଳି ଚାରାଟିକୁ କାଢ଼ି ଖୁସି, ସୃଷ୍ଟି ହାତରେ ଧରାଇ ସେଇ ଗାତରେ ପୋତାଇଦେଲା। ନିଜେ ତା' ହାତ ଧରି ପାଣି ଢାଳିଦେଲା। କହିଲା- ବୁଝିଲୁ ସୃଷ୍ଟି, ଆଜିଠାରୁ ଏଇ ଗଛଟି ହେଲା ତୋ ସାଙ୍ଗ 'ଖୁସି'। ଚାଲ୍ ଆଉ ମନ ଊଣା କରନା। ସେଇଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୭ ବର୍ଷ ବିତିଗଲାଣି। ଖୁସି ବାପାଙ୍କର ବଦଳି ହୋଇଯିବାରୁ ସେ ଏ ସହର ଛାଡ଼ି ସୁଦୂର ରାଉରକେଲାରେ ରହିଲେଣି। ସମସ୍ତେ ବଡ଼ ହୋଇ କଲେଜରେ ପଢ଼ିଲେଣି। ଅନେକ ଜନ୍ମଦିନ ପାଳନ ସରିଲାଣି। ଉପହାରଗୁଡ଼ିକ ମଧ୍ୟ କୁଆଡ଼େ ଭାଙ୍ଗିରୁଜିଗଲେଣି।

ହେଲେ ସେଦିନର ପିଜୁଳି ଚାରାଟି ଏବେ ବଡ଼ ହୋଇ ଭରିଯାଇଛି ଫଳ ରୂପକ ଖୁସିରେ। ସେଇ ଗଛର ପ୍ରତିଟି ପତ୍ର, ଫୁଲ ଓ ଫଳରେ ସୃଷ୍ଟି ଦେଖିପାରୁଥିଲା ତା' ସାଙ୍ଗ ଖୁସିର ହସହସ ମୁହଁ ଓ ଶୁଣିପାରୁଥିଲା ତା'ର ମିଠା ମିଠା କଥା। ସୃଷ୍ଟି ଶ୍ରଦ୍ଧାରେ ଆଉଁଶି ପକାଉଥିଲା ଗଛର ପ୍ରତ୍ୟେକ ଫୁଲ ଓ ଫଳକୁ। ତା' ଆଖିରୁ ଝରିଯାଉଥିଲା ଆନନ୍ଦାଶ୍ରୁ ସେଦିନର ସ୍ମୃତିକୁ ରୋମନ୍ଥନ କରି।

**- ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# କ୍ରୋଧ ବଢ଼ାଏ ପ୍ରଦୂଷଣ

**ପ୍ରଦୂଷଣ କେବଳ ଶାରୀରିକ ସମସ୍ୟା ସୃଷ୍ଟି କରେନି ବରଂ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ। ଏହି କାରଣରୁ ଚିଡ଼ିଚିଡ଼ା ହେବା କିମ୍ବା ବିରକ୍ତ ହେବା ଭଳି ଲକ୍ଷଣ ମଧ୍ୟ ଦେଖାଦେଇପାରେ।**

ପରିବେଶ ପ୍ରଦୂଷଣ କାରଣରୁ ଏବେ ବିଭିନ୍ନ ସହରରେ ବାୟୁର ମାନ ଖରାପ ହେବାରେ ଲାଗିଛି। ଫଳରେ ଲୋକଙ୍କର ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ପ୍ରଦୂଷିତ ବାୟୁମଣ୍ଡଳରେ ନିଃଶ୍ୱାସ ନେବାରେ କଷ୍ଟ ହୋଇଥାଏ। ଏଥିପାଇଁ ଫୁସ୍‌ଫୁସ୍, ହାର୍ଟ, କିଡ୍‌ନୀ ଏବଂ ସ୍କିନ୍‌ରେ ମଧ୍ୟ ବହୁ ସମସ୍ୟା ଦେଖାଦେଇଥାଏ। ଏମିତିକି ବାୟୁ ପ୍ରଦୂଷଣ ଯୋଗୁ ବେଳେବେଳେ ଜୀବନ ଚାଲିଯାଉଛି ଏବଂ ହାରାହାରି ଆୟୁଷ ମଧ୍ୟ କମ୍ ହୋଇ ଯାଉଛି। କିନ୍ତୁ ଏହି କାରଣରୁ ମାନସିକ ସ୍ୱାସ୍ଥ୍ୟ ବି ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଖରାପ ହେବାରେ ଲାଗିଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଜାଣିପାରିଛନ୍ତି। ଆମେରିକାର ୟେଲ୍ ୟୁନିଭର୍ସିଟି ଏବଂ ଚାଇନାର ପୋକିଂ ୟୁନିଭର୍ସିଟି ପକ୍ଷରୁ ୨୦୧୦ ରୁ ୨୦୧୪ ମସିହା ପର୍ଯ୍ୟନ୍ତ ୩୨,୦୦୦ ଲୋକଙ୍କୁ ନେଇ ରିସର୍ଚ୍ଚ କରାଯାଇଥିଲା। ବାୟୁ ପ୍ରଦୂଷଣ କାରଣରୁ ସେମାନଙ୍କର ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥିବା ଜଣାପଡ଼ିଥିଲା। ତେବେ ରିସର୍ଚ୍ଚ ରିପୋର୍ଟ ମୁତାବକ ମହିଳାଙ୍କ ତୁଳନାରେ ପୁରୁଷମାନେ ଅଧିକ ପ୍ରଭାବିତ ହୋଇଥାନ୍ତି। ଅଧିକ ପ୍ରଦୂଷଣ କାରଣରୁ ନିଦ ନ ହେବା ସମସ୍ୟା ମଧ୍ୟ ଦେଖାଦେଇଥାଏ। ତେଣୁ ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ଯଥାସମ୍ଭବ ସତର୍କ ରହିବା ଆବଶ୍ୟକ। ଏଥିପାଇଁ ବାହାରକୁ ଯିବା ସମୟରେ ମୁହଁ, କାନ ଓ ନାକ ଘୋଡ଼ାଇ ଯିବା ଦରକାର। ଏହା ବ୍ୟତୀତ ବାହାରକୁ ଯିବା ସମୟରେ ଚଷମା ମଧ୍ୟ ଲଗାନ୍ତୁ।



## ମତାମତ

▶▶ ସ୍ୱାଭିମାନ ଗଳ୍ପଟି ପିଲାଙ୍କ ଲାଗି ଶିକ୍ଷଣୀୟ ହୋଇପାରିଛି।

**- ମୃତ୍ୟୁଞ୍ଜୟ ମହାନ୍ତି, ଭଣ୍ଡାରିପୋଖରୀ, ଭଦ୍ରକ**

▶▶ ଦୀପାବଳି ଏବଂ ଶିଶୁ ଦିବସ ଲାଗି ପ୍ରକାଶିତ କବିତାଗୁଡ଼ିକ ପଢ଼ିବାକୁ ମଜା ଲାଗିଲା।

**-ଜୀବନ ରାଉତ, କେନ୍ଦୁଝର**

▶▶ 'ଜଣା ଅଜଣା' ସ୍ତମ୍ଭରେ ପ୍ରକାଶିତ ଆକାଶରେ ଧଳାଧୂଆଁ ଏବଂ ୧ କି.ଗ୍ରା. ଆଳୁର ଦାମ ୫୦,୦୦୦ ଟଙ୍କା ପଢ଼ି ମୋତେ ଆଶ୍ଚର୍ଯ୍ୟ ଲାଗିବା ସହ ଏହା ବିଷୟରେ ନୂଆ କଥା ଜାଣିବାକୁ ପାଇଲି।

**- ମାମାଲି ନାୟକ, ରାଜକନିକା, କେନ୍ଦ୍ରାପଡ଼ା**

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ରଙ୍ଗ ଦିଅ



# ନୂଆ ପରିଚୟ



**କେବଳ ପାଠପଢ଼ା ନୁହେଁ, ପିଲାମାନେ ଅବସର ସମୟରେ ନିଜ ପାରଦର୍ଶିତା ପ୍ରଦର୍ଶନ କରିଥିବାର ଅନେକ ଉଦାହରଣ ରହିଛି। ଏ ନେଇ ସେମାନଙ୍କୁ ଯୋଜନା ମୁତାବକ ଆଗେଇବାକୁ ପଡ଼ିଥାଏ। ତେଣୁ ପରିଚୟ ସୃଷ୍ଟି କରିବା ପାଇଁ ନିଜର ଅନ୍ତର୍ନିହିତ ପ୍ରତିଭା ବିକଶିତ କରିବା ଦିଗରେ ବିଶେଷ ଦୃଷ୍ଟି ଦେବା ନିହାତି ଦରକାର...**

ଛୋଟ ପିଲାଟିଏ ଯେତେବେଳେ ପାଠପଢ଼ା ଆରମ୍ଭ କରେ, ସେତେବେଳେ ତା'ର ଧ୍ୟାନ କେବଳ ପାଠ ଉପରେ ହିଁ ରହିଥାଏ। ହେଲେ ଅବସର ସମୟରେ ସେ ବିଭିନ୍ନ ବିଷୟରେ ନିଜର ପାରଦର୍ଶିତା ଦେଖାଇବାକୁ ଚେଷ୍ଟା କରେ। କେବଳ ସେତିକି ନୁହେଁ, ପ୍ରଗାଢ଼ ନିଷ୍ଠା ଏବଂ ଅଧ୍ୟବସାୟ ବଳରେ ସେମାନେ ନିଜ ଭିତରେ ଲୁଚି ରହିଥିବା ପ୍ରତିଭାର ବିକାଶ କରିବା ସହ ସାଉଁଟି ଚାଲନ୍ତି ପ୍ରଶଂସା। ତନ୍ମଧ୍ୟରୁ ଗୋଟିଏ ହେଲା, ଖେଳକୁଦ। ଏ କ୍ଷେତ୍ରରେ ଯଦି ନିଜର ପରିଚୟ ସୃଷ୍ଟି କରିବାକୁ ଚାହୁଁଛନ୍ତି, ତେବେ ନିଜ ଇଚ୍ଛା ବିଷୟରେ ମା'ବାପାଙ୍କୁ କୁହନ୍ତୁ। ସ୍କୁଲରେ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରନ୍ତୁ। ଯଦି ଅସଫଳ ହେଲେ ତେବେ ଭାଙ୍ଗି ନ ପଡ଼ି କିପରି ଆଗକୁ ନିଜର ଲକ୍ଷ୍ୟ ହାସଲ କରିବେ, ସେ ନେଇ ପ୍ରସ୍ତୁତି କରନ୍ତୁ। ଏପରିକି ଅଭିଜ୍ଞ ପ୍ରଶିକ୍ଷକଙ୍କଠାରୁ ଟ୍ରେନିଂ ନେଇପାରନ୍ତି। ଆଉ ଗୋଟେ କଥା ହେଲା ଗୀତ ଗାଇବା। କେତେକ ପିଲା ଏ କ୍ଷେତ୍ରରେ ଆଗେଇବାକୁ ଚାହିଁଥାଆନ୍ତି। ତେଣୁ ସଙ୍ଗୀତକୁ ନିଜର କ୍ୟାରିୟର କରିବାକୁ ଯଦି ଇଚ୍ଛା ରହିଛି, ତେବେ ସଂଗୀତ ଶିକ୍ଷକଙ୍କ ନିକଟରୁ ଗୀତ ଶିଖନ୍ତୁ ଏବଂ ଅଭ୍ୟାସ ଜାରି ରଖନ୍ତୁ। ନିଜ ପ୍ରତିଭାର ପରିପ୍ରକାଶ ପାଇଁ ଆଉ ଏକ ସୁଯୋଗ ହେଲା ନୃତ୍ୟ । ଯଦି ଏ ନେଇ ରୁଚି ରହିଛି, ତେବେ ନାଚ ଶିଖନ୍ତୁ। ଅଭିନୟକୁ ମଧ୍ୟ କ୍ୟାରିୟର କରିପାରିବେ। ଏହାବ୍ୟତୀତ ଆର୍ଟ ଆଣ୍ଡ କ୍ରାଫ୍ଟ, ବିଜ୍ଞାନ ପ୍ରକଳ୍ପ ତିଆରି କରିବା ପ୍ରତି ଆଗ୍ରହ ରଖିପାରନ୍ତି। ତେବେ ଏସବୁ ବିଷୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଉଦ୍ୟମ ସହ ଯୋଜନାବଦ୍ଧ ଭାବରେ ଆଗେଇବାକୁ ଦରକାର। ଏହାସହ ପାଠପଢ଼ା ପ୍ରତି ମଧ୍ୟ ଆବଶ୍ୟକ ଗୁରୁତ୍ୱ ଦିଅନ୍ତୁ। ନିଜ ପ୍ରତିଭା ବିଷୟରେ କେତେକ ଛାତ୍ରୀଛାତ୍ର ଯାହା କୁହନ୍ତି....

## ଶିକ୍ଷକ ହେବାକୁ ଲକ୍ଷ୍ୟ ରଖିଛି



ନିଜ କ୍ୟାରିୟର ଗଢ଼ିବାକୁ ପାଠପଢ଼ାର କେତେ ଗୁରୁତ୍ୱ ରହିଛି ତାହା କହିବା ଅନାବଶ୍ୟକ। ତେଣୁ ମୁଁ ସବୁବେଳେ ଏଥିପ୍ରତି ଅଧିକ ଗୁରୁତ୍ୱ ଦେଇଥାଏ। ସ୍କୁଲରେ ସାର୍ କିପରି ପଢ଼ାଉଛନ୍ତି ତାହାକୁ ଲକ୍ଷ୍ୟ କରେ। ପାଠପଢ଼ା ଶେଷ ହେବା ପରେ ଜଣେ ଶିକ୍ଷକ ହେବାକୁ ଲକ୍ଷ୍ୟ ରଖିଛି। ତେଣୁ ମୋତେ ଯଥେଷ୍ଟ ପରିଶ୍ରମ କରିବାକୁ ପଡ଼ିବ। ଅବସର ସମୟରେ ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରତି ଧ୍ୟାନ ଦିଏ । କୌଣସି ଏକ ଶିକ୍ଷଣୀୟ ଘଟଣା ଦେଖିଲେ ତାହାକୁ ବିଳମ୍ବ ନ କରି ଚିତ୍ରର ଆକାର ଦେଇଥାଏ। ଏହା ସହ ବିଭିନ୍ନ ପ୍ରକାର ସାଂପ୍ରତିକ ଘଟଣାବଳୀକୁ ନେଇ ରଚନା ଲେଖିଥାଏ। ତେବେ ମୋର ଲକ୍ଷ୍ୟ ହାସଲ ପାଇଁ ଏବେଠାରୁ ପରିଶ୍ରମ କରିବା ସହ ଯୋଜନାବଦ୍ଧ ଭାବରେ ଆଗଉଛି।

**–ଅଙ୍କିତା ପ୍ରିୟଦର୍ଶିନୀ,** କ୍ଲାସ–୮, କେନ୍ଦ୍ରୀୟ ବିଦ୍ୟାଳୟ–୧, କଟକ

## ବୈଜ୍ଞାନିକ ହେବି



ଏକଦା ଆମ ସ୍କୁଲରେ ଆୟୋଜିତ ଏକ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ବୁଲି ଦେଖୁଥାଏ। ବିଭିନ୍ନ ପ୍ରକାର ପ୍ରକଳ୍ପ ଦେଖିବା ପରେ ମୋର ଏଥିପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ଏ ବିଷୟରେ ମୁଁ ଶିକ୍ଷକଙ୍କ ସହ ଆଲୋଚନା କରିବା ପରେ ସେ ମୋତେ ଆଗେଇବାକୁ ପରାମର୍ଶ ଦେଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ଗୋଟିଏ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରିଥିଲି। ବିଶେଷଭାବରେ ବିଜ୍ଞାନଭିତ୍ତିକ ବିଷୟ ପ୍ରତି ମୋର ଅଧିକ ରୁଚି ରହିଛି। ଅବସର ସମୟରେ ବିଭିନ୍ନ ନାମୀ ବୈଜ୍ଞାନିକଙ୍କ ଜୀବନୀ ପଢ଼ିଥାଏ। ଏବେ ମୁଁ ବିଜ୍ଞାନ ପ୍ରକଳ୍ପ ସଂଗ୍ରହ କରିବାରେ ନିଜକୁ ନିୟୋଜିତ ରଖିଛି। ସେମାନଙ୍କର ଆତ୍ମଜୀବନୀ ଭଲ ଭାବରେ ପଢୁଛି ଏବଂ ସେଥିରୁ ଅନେକ କିଛି ଶିଖିବାର ସୁଯୋଗ ମିଳିଛି। ତେବେ ଭବିଷ୍ୟତରେ ପାଠ ପଢ଼ି ବୈଜ୍ଞାନିକ ହେବାକୁ ଆଶା ରଖିଛି।

**–ସତ୍ୟଜିତ ସାହୁ,** କ୍ଲାସ–୯, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲିଆପଟା, ଭୁବନେଶ୍ୱର

## ନୃତ୍ୟ ପ୍ରତି ରୁଚି ରହିଛି



ଟିଭିରେ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ଦେଖିବା ପରେ ଭବିଷ୍ୟତରେ ଏ କ୍ଷେତ୍ରରେ ଆଗେଇବାକୁ ଲକ୍ଷ୍ୟ ରଖିଛି। ଆମ ସ୍କୁଲରେ ବାର୍ଷିକ ଉତ୍ସବ ସମୟରେ ଆୟୋଜିତ ଡ୍ୟାନ୍ସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛି। ଏପରିକି କେତେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ପୁରସ୍କୃତ ହୋଇଛି। ଏବେ ଆମ ସ୍କୁଲର ଡ୍ୟାନ୍ସ ଟିଚରଙ୍କ ନିକଟରୁ ଡ୍ୟାନ୍ସ ଶିଖୁଛି। ଏହା ସହ ଚିତ୍ରାଙ୍କନ ପ୍ରତି ମଧ୍ୟ ରୁଚି ରହିଛି। ପ୍ରତିଦିନ ଯେମିତି ହେଲେ ଅଧଘଣ୍ଟା ଡ୍ୟାନ୍ସ ପ୍ରାକ୍ଟିସ୍ କରିଥାଏ। ବିଶେଷଭାବରେ ଅବସର ସମୟରେ ଏସବୁ ପ୍ରତି ଅଧିକ ଧ୍ୟାନ ଦିଏ। ହେଲେ ଏହା ବ୍ୟତୀତ ପାଠପଢ଼ା ପ୍ରତି ବିଶେଷ ଦୃଷ୍ଟି ଦେଇଥାଏ।

**–ନିକିତା ବିଶ୍ୱାଳ,** କ୍ଲାସ–୭, କୋଟକଣା ୟୁପି ସ୍କୁଲ, ରଘୁନାଥପୁର, ଜଗତ୍‌ସିଂହପୁର

## ବୃକ୍ଷଲତାଙ୍କ ଯତ୍ନ ଖୁସି ଦିଏ




ଅବସର ସମୟରେ ଚିତ୍ରାଙ୍କନ ଓ ବୃକ୍ଷମାନଙ୍କର ଯତ୍ନ ନେବାକୁ ମୋତେ ଭଲ ଲାଗେ। ମୁଁ ନିତ୍ୟ ଜୀବନରେ ଯାହା ଦେଖେ ତାକୁ କାଗଜ ଉପରେ ଆଙ୍କିବାକୁ ଚେଷ୍ଟା କରେ। ଏହାଦ୍ୱାରା ସେହିସବୁ ଘଟଣା ମୋ ସ୍ମୃତି ପଟଳରେ ତାଜା ହୋଇ ରହେ ଏବଂ ମୋର ଚିତ୍ର କଳାର ପ୍ରତିଭା ଏହାଦ୍ୱାରା ମାର୍ଜିତ ହୁଏ। କାଗଜ ଉପରେ ରଙ୍ଗ ଆଙ୍କିବା ମୋତେ ଖୁବ୍ ଆତ୍ମସନ୍ତୋଷ ଦେବା ସହିତ ମୋର ଅନୁଭବକୁ କାଗଜ ଉପରେ ଜୀବନ୍ତ କରିଥାଏ। ଚିତ୍ରକଳା ପରି ମୋତେ ବୃକ୍ଷଲତାଙ୍କ ଯତ୍ନ ନେବାକୁ ବହୁତ ଭଲ ଲାଗେ। ଆମ ବଗିଚାରେ ଥିବା ପ୍ରତ୍ୟେକ ବୃକ୍ଷ ମୋର ସାଥୀ ପରି ମନେହୁଏ। ସେଗୁଡ଼ିକରେ ପାଣି, ଖତ ଇତ୍ୟାଦି ଦେବା ମୋତେ ଖୁବ୍ ଆନନ୍ଦ ଦିଏ। ଏହାଦ୍ୱାରା ଆଜିକା ସମୟରେ ପ୍ରଦୂଷଣ ଯେପରି ସମସ୍ୟା ହୋଇଛି, ତାହାର ସମାଧାନ ଲାଗି ଏହା ମୋତେ ଏକ ଦାୟିତ୍ୱ ପରି ମନେ ହୁଏ। ଏହି ଅତ୍ୟାଧୁନିକ ସମୟରେ ନିଜକୁ ମୋବାଇଲ୍‌ଠାରୁ ଦୂରେଇ ରଖି ବୃକ୍ଷଲତାଙ୍କ ଠାରେ ମନୋନିବେଶ କରୁଛି।

**–ଅଲିଭା ଅନୟା ମହାପାତ୍ର,** କ୍ଲାସ–୮, ସେଣ୍ଟ ଯୋଶେଫ କନ୍‌ଭେଣ୍ଟ ସ୍କୁଲ, ହମିରପୁର, ରାଉରକେଲା







୧



୨



୩




୭



୪




୫



୬



୮



ଆଦିତ୍ୟ ସ୍ୱରୂପ ଜେନା
କ୍ଲାସ- ୪, କେନ୍ଦ୍ରୀୟ ବିଦ୍ୟାଳୟ, ଢେଙ୍କାନାଳ

୧

ପ୍ରେମାନନ୍ଦ ପ୍ରଧାନ
କ୍ଲାସ- ୭, ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର, ପାଲୁର ଜଙ୍କସନ୍, ଗଞ୍ଜାମ



୨



ଅନନ୍ୟ ଅନୁପମ ରାଉତ
କ୍ଲାସ- ୫, ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗା, କଟକ

୩

ଶ୍ରୀୟାଂଶ୍ ସାହୁ
କ୍ଲାସ- ୨, ବିବେକାନନ୍ଦ ପବ୍ଲିକ ସ୍କୁଲ, ବାଙ୍କୀ, କଟକ



୪



ତନିଷ୍କା ପି.ଆର ବସ୍ତିଆ
କ୍ଲାସ- ୮, ସରକାରୀ ହାଇସ୍କୁଲ, ରାଉରକେଲା, ସୁନ୍ଦରଗଡ଼

୫

ଆୟୁଶ୍ରୀ ଦାଶ
କ୍ଲାସ-୨, ମହର୍ଷି ବିଦ୍ୟାମନ୍ଦିର, ବସନ୍ତ ବିହାର, ନୟାଗଡ



୬



ଶୁଭମ୍ ନାୟକ
କ୍ଲାସ-୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରସୁଲଗଡ଼, ଭୁବନେଶ୍ୱର

୭

ଅଭିସୁମତ୍ ସାମଲ
କ୍ଲାସ- ୩, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ, ଭିଏସ୍‌ଏସ୍‌ନଗର, ଭୁବନେଶ୍ୱର



୮



## କବିତା

### ଆମ ଗାଁ

ଯାହାର ମାଟି ପାଣି ପବନ
ମୋ ଦେହେ ଦେଲା ବଳ
ଯାହାରି କୋଳେ ବିତୁଛି ମୋର
ସ୍ମୃତିର ପିଲା ବେଳ।
ବୁଲୁଛି ତାର ନଈ ପୋଖରୀ
ସବୁଜ ଧାନ କ୍ଷେତ
ବୁଢ଼ୀ ମା'ଠୁ ନିତି ମୁଁ ଶୁଣେ
ସନ୍ଧ୍ୟାରେ ଗପ ଗୀତ।
ଗାଆଁଟି ମୋର କେଡ଼େ ସୁନ୍ଦର
ପର୍ବତ ବଣ ପାଖେ
ଦୂର ଗାଆଁରେ ଯଦି ମୁଁ ଥାଏ
ତା ଦେହ ରୂପ ଦେଖେ।
ମୋ ପାଇଁ ସ୍ୱର୍ଗ ମୋ ଗାଁ ମାଟି
ନୀତି ମୁଁ କରେ ଗର୍ବ
ଏଇ ମାଟିରେ ପାଳଇ ମୁହିଁ
କେତେ ଓଡ଼ିଆ ପର୍ବ।
ଆସରେ ପିଲେ ବୁଲିବା ନଈ
ଦେଖିବା ଆମ ଗାଁ
ପାଠ ପଢ଼ିଣ ଦେଶ ଗଢ଼ିଣ
ରଖିବା ଆମ ନାଁ ।

**– ଜିତୁ ପ୍ରଧାନ,** ଭୁବନେଶ୍ୱର
ମୋ: ୭୬୮୧୦୪୪୮୬୪

### ଦୁର୍ଗତି ପଥେ ମାତୃଭାଷା

ଦୁର୍ଗତିର ପଥେ ଆମ
ମାତୃଭାଷା
ଚାଲୁଅଛି ନିତିଦିନ,
ବିଦେଶୀ ଭାଷାକୁ ଆପଣା
କରିଲେ
ପୁଣି ହେବା ପରାଧୀନ।
ତୁମେ ଭାବୁଅଛ ଓଡ଼ିଆ
ଏଡ଼ାଇ
ଇଂରାଜୀରେ ହେବ ଜ୍ଞାନୀ,
ମୁଁ ତହିଁ ଭାବୁଛି ଜାତିର
ବିରୋଧୀ
ନିଶ୍ଚେ ଅଟନ୍ତି ଅଜ୍ଞାନୀ।
ଓଡ଼ିଆ ଭାଷାକୁ ହୀନ
ମନେକରି
ନ ମଣ ତାହାକୁ ହେୟ,
ଓଡ଼ିଆ ଭାଷାର ପ୍ରାଚୀନତା
ଜାଣ
କାହାକୁ ବା ତୁମ ଭୟ।
ମାତୃଭାଷା ଛାଡ଼ି ବିଦେଶୀ
କହିଲେ
ଜାତୀୟତା ହେବ ନଷ୍ଟ,
ଏକଥା ଜାଣିଲେ
ମହାପୁରୁଷଙ୍କୁ
ନିଶ୍ଚୟ ହୋଇବ କଷ୍ଟ।
ମାତୃଭାଷା ରକ୍ଷା ହେଉ
ଆମ ଦୀକ୍ଷା
ତାହାର ସୁରକ୍ଷା ବ୍ରତ,
ମାତୃଭାଷା ପ୍ରୀତି ଦିଅ ହେ
ଆଶିଷ
ଆହେ ଜଗତର ନାଥ।

**– ସୁଦୀପ୍ତ ପାଣି**
ଝାଜିଆ, ବଡ଼ମ୍ବା , କଟକ

### ଜନମ ଭୂଇଁ

ପାହାଡ଼ ସେ ପାଖ ଗାଁ ଟି
ମୋର ଜନମ ଭୂଇଁ,
ଛୋଟରୁ ବଡ଼ ମୁଁ ହୋଇଛି
ତା'ର କୋଳରେ ଥାଇ।
ପକ୍ଷୀର ମଧୁର କାକଳି
ଆଉ ଶ୍ୟାମଳ କ୍ଷେତ,
ସରୋବରେ ହସେ ପଙ୍କଜ
ଆସି ହେଲେ ପ୍ରଭାତ।
ସରସୀ ଜଳ ତା' ଶୀତଳ
ଆହା ଅପୂର୍ବ ଶୋଭା,
ସବୁଜ ବନାନୀ ପ୍ରାନ୍ତର
ଦିଶେ କି ମନଲୋଭା।
ଜନମ ଭୂଇଁ ମୋ ସରଗ
ବଳି ତା' ଠାରୁ କିଏ,
ଜନନୀର କୋଳ ସକଳ
ଦୁଃଖ ଦୂରେଇ ନିଏ।

**– ମନୀଷା ପଣ୍ଡା**
ମୋ: ୮୨୪୯୬୮୬୦୯୩

### ଲଗାଇବା ଗଛ

ଆସ ଭାଇ ସାଙ୍ଗହୋଇ
ଲଗାଇବା ଗଛ,
ଏହାଦ୍ୱାରା ପରିବେଶ
ହୋଇଯିବ ସ୍ୱଚ୍ଛ।
ସେଇ ଟିକି ଗଛ ଦିନେ
ବଡ଼ ହୋଇ ପରା,
ଅମ୍ଳଜାନ ବାଣ୍ଟି ଦେବ
ଖୁସି ହେବ ଧରା।
ଫଳ,କାଠ ତା' ଠାରୁ
ସବୁ ଆମେ ପାଇ,
ସତ ବନ୍ଧୁ ବୋଲି କହି



ଯିବା ଗୁଣ ଗାଇ।
କାଟିବାନି କେବେହେଲେ
କରିନେବା ପଣ,
ନିଆଁ ଲଗାଇବା ନାହିଁ
ଗଛଲତା ବଣ।
ସବୁବେଳେ ମନଦେଇ
ଯତ୍ନ ନେଲେ ତା'ର
ଭଲେ ବଞ୍ଚିବା ସମସ୍ୟା
ହେବ ନାହିଁ କାହାର।


**–ସାବିତ୍ରୀ ମଲ୍ଲିକ**
ଦଶରଥପୁର, ଯାଜପୁର

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ଲଗାତର ରୋଷେଇ

ରୋଷେଇ କରିବା କେତେଜଣଙ୍କର ପସନ୍ଦ ହୋଇଥାଏ। ସେଥିପାଇଁ ସେମାନେ ଘଣ୍ଟା ଘଣ୍ଟା ରୋଷେଇକରି ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି। ମାତ୍ର ଆଉ କେତେକେ ଅଛନ୍ତି ଯେଉଁମାନେ କେବଳ ରେକର୍ଡ କରିବା ପାଇଁ ରୋଷେଇ କରନ୍ତି। ଠିକ୍ ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଆୟର୍ଲାଣ୍ଡର ଆଲାନ୍ ଫିଶର।

ଲଗାତର ୧୧୯ ଘଣ୍ଟା ୫୭ ମିନିଟ୍ ରୋଷେଇକରି ସେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଜାପାନରେ ଥିବା ତାଙ୍କ ରେଷ୍ଟୁରାଣ୍ଟରେ ସେ ଏଭଳି ଏକ ଉଦ୍ଦେଶ୍ୟ ନେଇ ରୋଷେଇ କରିଥିଲେ। ତାଙ୍କର ଏହି ଉଦ୍ୟମ ଏକ ସମୟରେ ୨ଜଣଙ୍କ ରେକର୍ଡକୁ ଭାଙ୍ଗିପାରିଛି। ଆଲାନ୍‌ଙ୍କ ପୂର୍ବରୁ ହିଲ୍‌ଡା ବାସି ନାମକ ଜଣେ ବ୍ୟକ୍ତି ୨୪ ଘଣ୍ଟାରୁ



ଅଧିକ ସମୟ ଏବଂ ୱେଣ୍ଡି ସାଣ୍ଡର୍ସ ୪୭ ଘଣ୍ଟା ୨୧ ମିନିଟ୍ ରୋଷେଇକରି ରେକର୍ଡ କରିଥିଲେ। ତେବେ ଏହି ୨ଜଣଙ୍କ ରେକର୍ଡକୁ ଭାଙ୍ଗି ଏବେ ନୂଆ ରେକର୍ଡ କରିଛନ୍ତି ଆଲାନ୍।

## ଏଥରର

- ବିଶ୍ୱ ଡାକସେବା ଦିବସ କେବେ ପାଳନ କରାଯାଏ ?
- ନୀରବ ପ୍ରଭାତର ଦେଶ କାହାକୁ କହନ୍ତି ?
- ନଦୀ ବିହୀନ ଦେଶ ?
- ଜୁଆର ଓ ଭଟ୍ଟାର ତଫାତ୍ କେତେ ?
- କେଉଁ ଗ୍ୟାସ୍ ଦହନର ସହାୟକ ?

## ଉତ୍ତର

### ଗତଥରର

- ରେସ୍‌ଲିଂ (ମଲ୍ଲଯୁଦ୍ଧ)
- ଭାରତ
- ୧୯୦୮
- କୋଲକାତା
- ୯

## କହିଲ ଦେଖି

ଛଅ ଋତୁ ମଧ୍ୟେ ସିଏ ନିଆରା,
ତା' ପରଶେ ହସେ ସବୁଜ ଧରା।
କାକର କୁହୁଡ଼ି ସାଙ୍ଗରେ ଧରି,
ଆସିଥାଏ ସିଏ ମରତପୁରୀ।
ଦୀପାବଳି ଆଉ ହବିଷ ଓଷା,
ସାଥେ ଆଣିଥାଏ ସେ ମାଣବସା।
ଏବେ କୁହ ସେହି ଋତୁର ନାମ,
ଯିଏ କହିଦେବ ଚତୁର ଜାଣ।



ଉତ୍ତର– **ହେମନ୍ତ ଋତୁ**

କାର୍ତ୍ତିକ ମାସରେ ଚଉରା ମୂଳେ
ଜେଜେ ମା' ପୂଜନ୍ତି ଅତି ଶ୍ରଦ୍ଧାରେ।
ସୋମବାର ଦିନ ମନ୍ଦିର ଯାଇ
ଶିବଙ୍କ ଦର୍ଶନ କରନ୍ତି ସେହି।
କାର୍ତ୍ତିକ ପୂନେଇଁ ଶୁଭ ସକାଳେ
ଡଙ୍ଗା ଭସା ପର୍ବ ଭକ୍ତିରେ ପାଳେ।
କହିପାରିବ କି ସେ ବ୍ରତ ନାମ
ଯେ କହିବ ତାକୁ ମିଳିବ ଧର୍ମ।



ଉତ୍ତର– **ହବିଷ ବ୍ରତ**

କାର୍ତ୍ତିକ ପୂନେଇଁ ଶୁଭ ଲଗନେ
ସେ ଦିଅଁଙ୍କୁ ପୂଜା କରନ୍ତି ଜନେ।
ହରପାର୍ବତୀଙ୍କ ସେ ପୁତ୍ର ଜାଣ
ମୟୂର ଅଟଇ ତାଙ୍କ ବାହନ।
ଦେଖିବାକୁ ସିଏ ଭାରି ସୁନ୍ଦର
ଏବେ କହିଦିଅ ନାମ ତାଙ୍କର।



ଉତ୍ତର– **କାର୍ତ୍ତିକେଶ୍ୱର**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା,ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬

# ପୃଥିବୀର ସବୁଠୁ ବଡ଼ ଓ ଛୋଟ ପକ୍ଷୀ





ପକ୍ଷୀ କହିଲେ ମନକୁ ଆସେ ଡେଣାଥିବା ଛୋଟ ପ୍ରାଣୀଟିଏ, ଯିଏ ସାଧାରଣତଃ ଉଡ଼ିପାରେ। ଆମ ପୃଥିବୀରେ ପାଖାପାଖି ୧୦ ହଜାର ପ୍ରଜାତିର ପକ୍ଷୀ ଦେଖାଯା'ନ୍ତି। ସେମାନଙ୍କ ମଧ୍ୟରେ ସବୁଠୁ ବଡ଼ ପକ୍ଷୀର ଆଖ୍ୟା ପାଇଚି ଓଟପକ୍ଷୀ ବା ଅଷ୍ଟ୍ରିଚ୍। ସେମାନଙ୍କର ଓଜନ ପ୍ରାୟ ୧୦୪ କି.ଗ୍ରା. ହୋଇଥିବା ବେଳେ ଉଚ୍ଚତା ୬.୯ରୁ ୯ ଫୁଟ ପର୍ଯ୍ୟନ୍ତ ହୋଇଥାଏ। ଓଟପକ୍ଷୀର ଖୋଲା ଡେଣାର ମାପ ୨ମି. ପାଖାପାଖି ହୋଇଥିଲେ ସୁଦ୍ଧା ତା'ର ବିଶାଳ ଶରୀର ଆଉ ଓଜନ ପାଇଁ ଓଟପକ୍ଷୀ ଉଡ଼ିପାରେନି। କିନ୍ତୁ ଡେଙ୍ଗା ଡେଙ୍ଗା ଗୋଡ଼ ଆଉ ଡେଣାକୁ ଅଧା ମେଲାଇ ଓଟପକ୍ଷୀ ଖୁବ୍ ଜୋରରେ ଦୌଡ଼ିପାରେ, ଘଣ୍ଟାକୁ ପ୍ରାୟ ୭୦ କି.ମି. ବେଗରେ।

ଓଟପକ୍ଷୀର ଅଣ୍ଡା ଆକାରରେ ପୃଥିବୀର ସବୁଠାରୁ ବଡ଼ ଅଣ୍ଡା। ପ୍ରାୟ ୫୦ମି.ମି. ବ୍ୟାସ ପରିମିତ ଓଟପକ୍ଷୀର ଆଖି ମଧ୍ୟ ପୃଥିବୀରେ ଯେତେ ପ୍ରାଣୀ ଅଛନ୍ତି ସମସ୍ତଙ୍କଠୁ ବଡ଼ ଆଖି।

ଓଟପକ୍ଷୀମାନେ ମୁଖ୍ୟତଃ ଆଫ୍ରିକା ମହାଦେଶରେ ଦେଖାଯା'ନ୍ତି। ସେମାନେ ପ୍ରାୟ ୩୦ରୁ ୪୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଆନ୍ତି, କିନ୍ତୁ କେବେକେବେ ଚିଡ଼ିଆଖାନାମାନଙ୍କରେ ୭୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥିବାର ଦେଖାଯାଏ।

ଏମାନଙ୍କର ଖାଦ୍ୟ ମୁଖ୍ୟତଃ ଉଦ୍ଭିଦ ଓ ଉଦ୍ଭିଦଜାତ ପଦାର୍ଥ ହୋଇଥିବା ବେଳେ ଏମାନେ ଝିଟିପିଟି, ସାପ, ମୂଷାମାନଙ୍କୁ ମଧ୍ୟ ଖାଦ୍ୟ ରୂପେ ଗ୍ରହଣ କରିଥା'ନ୍ତି। ଓଟପକ୍ଷୀର ପର, ମାଂସ ଓ ଚର୍ମର ବଜାରରେ ବହୁଳ ଚାହିଦା ରହିଚି।

ପୃଥିବୀର ସବୁଠୁ ଛୋଟ ପକ୍ଷୀଟି ହେଉଚି 'ଦି ହମିଂ ବାର୍ଡ଼'। ଏମାନେ କେବଳ କ୍ୟୁବା ଦେଶରେ ଦେଖାଯାଆନ୍ତି।




ଏମାନଙ୍କର ଓଜନ ମାତ୍ର ୨ ଗ୍ରାମ୍‌ର ହୋଇଥାଏ ଆଉ ଅଣ୍ଡାର ଆକାର ଗୋଟିଏ କଫି ବିନ୍‌ର ଆକାର ପରି। ପ୍ରତି ସେକେଣ୍ଡକୁ ଏମାନେ ପ୍ରାୟ ଅଶୀଥର ଡେଣା ଫଡ଼ଫଡ଼ କରିଥାଆନ୍ତି। ଫୁଲରେ ଥିବା ମହୁ ବା ରସ ସେମାନଙ୍କର ଖାଦ୍ୟ। ୭ରୁ ୧୦ ବର୍ଷ ପର୍ଯ୍ୟନ୍ତ ଏମାନେ ବଞ୍ଚିଥାଆନ୍ତି। ଏମାନଙ୍କର ଖୋଲା ଡେଣାର ଲମ୍ବ ୩ ସେ.ମି. ଏବଂ ଏମାନେ ଘଣ୍ଟାକୁ ପ୍ରାୟ ୪୮ କି.ମି. ବେଗରେ ଉଡ଼ିପାରନ୍ତି। ଅତି ଛୋଟ ଆକାର ଯୋଗୁ ଏମାନେ ଅନେକ ସମୟରେ ମହୁମାଛି ପରି ଲାଗନ୍ତି। ହମିଂବାର୍ଡ଼ ଅନେକ ପ୍ରଜାତିର ଓ ଅନେକ ରଙ୍ଗର ଖୁବ୍ ସୁନ୍ଦର ପକ୍ଷୀ।

**– ଜାହ୍ନବୀ ମିଶ୍ର**
ନଭି ମୁମ୍ବାଇ, ମୋ: ୯୧୮୬୧୧୯୭୫୩

## ଇଞ୍ଜେକ୍ସନ ଛୁଞ୍ଚି

ପିଲାଏ ! ତୁମମାନଙ୍କୁ ଇଞ୍ଜେକ୍ସନ ନେବାକୁ ନିଶ୍ଚୟ ଡର ଲାଗୁଥିବ। ହେଲେ କେତେକ ରୋଗରୁ ଉପଶମ ପାଇବା ଲାଗି ଡାକ୍ତର ଇଞ୍ଜେକ୍ସନ ଦେଇଥାଆନ୍ତି। ତେବେ ତୁମମାନଙ୍କ ମନରେ ନିଶ୍ଚୟ ପ୍ରଶ୍ନ ଉଠୁଥିବ ଯେ, ଏହାର ଛୁଞ୍ଚି ଏମିତି କେଉଁଥିରେ ତିଆରି ଯେ ତାହାକୁ ଫୋଡ଼ିଦେଲେ ଟିକେ କଷ୍ଟ ହୁଏ। ତେବେ ଆସ ସେ ବିଷୟରେ ଜାଣିବା। ବିଶେଷଭାବରେ ଇନ୍‌ଫେକ୍ସନ ବା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଗୋଟିଏ ସିରିଞ୍ଜ ଏବଂ ତା'ସହ ଲାଗିଥିବା ଛୁଞ୍ଚିକୁ ଥରେ ମାତ୍ର ବ୍ୟବହାର କରି ଫୋପାଡ଼ି ଦିଆଯାଏ। ତେବେ ଏହି ଛୁଞ୍ଚି ଷ୍ଟେନ୍‌ଲେସ ଷ୍ଟିଲ୍‌ରେ ପ୍ରସ୍ତୁତ ହୋଇଥାଏ। ଏହାକୁ ମଧ୍ୟ କାର୍ବନ ଷ୍ଟିଲ କୁହାଯାଏ। ହାଇପୋଡର୍ମିକ ଇଞ୍ଜେକ୍ସନ ଛୁଞ୍ଚି ବିଶେଷଭାବରେ ଷ୍ଟେନ୍‌ଲେସ ଷ୍ଟିଲ୍ କିମ୍ବା ନାଇୟୋବିୟୋମ ଟ୍ୟୁବରେ 'ଟ୍ୟୁବ ଡ୍ରାଇଙ୍ଗ' ପ୍ରକ୍ରିୟାରେ ପ୍ରସ୍ତୁତ ହୁଏ। ଇଞ୍ଜେକ୍ସନ ଦେବା ବେଳେ ସିରିଞ୍ଜକୁ ଟିକେ ବଙ୍କେଇ ଛୁଞ୍ଚିକୁ ଚର୍ମରେ ଫୋଡ଼ିଥାଆନ୍ତି। ଏହାଦ୍ୱାରା କଷ୍ଟ କମ୍ ହୋଇଥାଏ ଏବଂ ଛୁଞ୍ଚିଟି ଖୁବ୍ ସହଜରେ ଶିରରେ ପ୍ରବେଶ କରିଥାଏ।






## ବୃହତ୍ତମ ଗ୍ରହ

ସୌର ଜଗତର ବୃହତ୍ତମ ଗ୍ରହ ହେଉଛି ବୃହସ୍ପତି। ଏହି ଗ୍ରହଟି ସମ୍ପୂର୍ଣ୍ଣ ହାଇଡ୍ରୋଜେନ୍ ଗ୍ୟାସ୍‌ରେ ଗଠିତ। ଶୁକ୍ର ପରେ ଏହା ରାତି ଆକାଶରେ ଦ୍ୱିତୀୟ ଉଜ୍ଜ୍ୱଳତମ ଗ୍ରହ। ଦୂରବୀକ୍ଷଣର ଦୃଶ୍ୟରେ ଏହା ଚାରିପଟେ ଚାରୋଟି ଛୋଟ ଆଲୋକବିନ୍ଦୁ ଘେରି ରହିଥିବାର ଦେଖାଯାଏ। ସେଗୁଡ଼ିକ ସମସ୍ତେ ବୃହସ୍ପତିର ବିଷୁବରେଖା ତଳରେ ଏକ ସରଳରେଖାରେ ଅବସ୍ଥାନ କରିଥିବାର ଦେଖାଯାଏ । ବୃହସ୍ପତି ଚାରିପଟରେ ଦେଖାଯାଉଥିବା ଆଲୋକ ବିନ୍ଦୁଗୁଡ଼ିକ ହେଉଛନ୍ତି ବୃହସ୍ପତିର ଚାରୋଟି ବଡ଼ ଉପଗ୍ରହ। ବୃହସ୍ପତିର ଏହି ଉପଗ୍ରହମାନଙ୍କୁ ଇଟାଲୀର ଜ୍ୟୋତିର୍ବିଜ୍ଞାନୀ ଗାଲିଲିଓ ୧୬୧୦ ଖ୍ରୀଷ୍ଟାବ୍ଦରେ ଆବିଷ୍କାର କରିଥିବାରୁ ଏଗୁଡ଼ିକୁ ସାଧାରଣତଃ 'ଗାଲିଲିଓଙ୍କ ଉପଗ୍ରହ' ବୋଲି କୁହାଯାଏ। ଏହି ଉପଗ୍ରହମାନଙ୍କ ନାମ ହେଲା ଆୟୋ, ୟୁରୋପା, କ୍ୟାଲିଷ୍ଟୋ ଓ ଗ୍ୟାନିମିଡ୍। ଏମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ଉପଗ୍ରହ ହେଲା ଗ୍ୟାନିମିଡ୍, ଯାହା ମଧ୍ୟ ସମଗ୍ର ସୌର ଜଗତର ବୃହତ୍ତମ ଉପଗ୍ରହ। ଆୟୋ ଏକ ଆଗ୍ନେୟଗିରି ପରିପୂର୍ଣ୍ଣ ରାଇଜ ହୋଇଥିଲାବେଳେ କ୍ୟାଲିଷ୍ଟୋର ପୃଷ୍ଠଦେଶରେ ପୁରାତନ ଗହ୍ୱର ଭଳି ଅନେକ କ୍ଷତଚିହ୍ନର ଦାଗ ଦେଖିବାକୁ ମିଳେ। ମାତ୍ର ଆମ ପାଇଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଉପଗ୍ରହ ହେଲା ୟୁରୋପା: ଏହାର ବରଫାବୃତ ଚଟାଣ ତଳେ ତରଳ ଜଳରାଶିର ବିଶାଳ ସମୁଦ୍ର ଥିବାର ଜଣାପଡ଼େ। ଏହି ଉପଗ୍ରହଗୁଡ଼ିକ ବୃହସ୍ପତି ଚାରିପଟେ ଘୂରୁଥିବାରୁ ଦୂରବୀକ୍ଷଣର ଦୃଶ୍ୟରେ ଏଗୁଡ଼ିକର ସମୟାନୁସାରେ ପରିବର୍ତ୍ତନଶୀଳ ଅବସ୍ଥାନ ଦେଖିବାକୁ ମିଳେ ।

## ବ୍ଲୁ ରିଙ୍ଗ ଅକ୍ଟୋପସ୍



ଅକ୍ଟୋପସ୍ କ'ଣ ଏତେ ଭୟଙ୍କର ହୋଇପାରେ ! ଅବଶ୍ୟ ଏହାକୁ ବିଶ୍ୱାସ କରିବା କଷ୍ଟକର ହୋଇପାରେ, ହେଲେ ତାହା ସତ। 'ବ୍ଲୁ ରିଙ୍ଗ ଅକ୍ଟୋପସ୍' ହେଉଛି ଭାରି ବିଷାକ୍ତ। ଏହାର ବିଷ ସାପଠାରୁ ଅଧିକ ବିଷାକ୍ତ ଭାବରେ ଗଣନା କରାଯାଏ। ଏହି ଅକ୍ଟୋପସର ବିଷ ଏତେ ଭୟଙ୍କର ଯେ ଏହାର ସଂସ୍ପର୍ଶରେ ଯଦି ଏକାଥରେ ୨୦ ଜଣ ଲୋକ ଆସନ୍ତି, ତେବେ ନିମିଷକ ଭିତରେ ସେମାନଙ୍କର ପ୍ରାଣହାନି ଘଟିବାର ଆଶଙ୍କା ରହିଛି। ଏହି ଅକ୍ଟୋପସ ଭିତରେ 'ଟେଟ୍ରୋଡକ୍ସିନ' ନାମକ ବିଷ ରହିଛି। ଏହା ଏତେ ବିଷାକ୍ତ ଯେ, ମାତ୍ର କେଇ ସେକେଣ୍ଡ ଭିତରେ ସଂପୃକ୍ତ ବ୍ୟକ୍ତିର ମୃତ୍ୟୁ ଘଟିପାରେ। ହେଲେ ଏହି ଅକ୍ଟୋପସ୍ ଏଭଳି ବିଷକୁ ତାହାର ଶିକାର କରିବା ଲାଗି ବ୍ୟବହାର କରିଥାଏ। ଶିକାର କରିବା ବେଳେ ଏହି ଅକ୍ଟୋପସ୍ ନିଜ ପଞ୍ଝାରେ ପ୍ରଥମେ ବିଷ ଭରିଦିଏ। ତା'ପରେ ଯେତେବେଳେ ସେ ମାଛମାନଙ୍କୁ ଏଥିରେ ଧରେ, ସେତେବେଳେ ନିମିଷକ ମଧ୍ୟରେ ସେମାନଙ୍କର ମୃତ୍ୟୁ ଘଟିଥାଏ। ଏଭଳି ଅକ୍ଟୋପସ୍ ପଞ୍ଝାରେ ଯଦି ମଣିଷକୁ ଆଘାତ କରେ, ତେବେ ସେହି ଦଂଶନ ଆଦୌ ଜଣାପଡ଼େନାହିଁ, ହେଲେ ମାତ୍ର ଅଳ୍ପ ସମୟ ଭିତରେ ବିଷ ସେହି ମଣିଷ ଶରୀରରେ ଖେଳେଇ ହୋଇଯାଏ ଏବଂ ସେ ମୃତ୍ୟୁବରଣ କରିଥାଆନ୍ତି।

# ଆଇନା



ଦିଶାନୀ ଦେବାଙ୍ଗନା
୧୩ ବର୍ଷ / ଭୁବନେଶ୍ୱର



ଉପମିତା ଦାସ
୭ ବର୍ଷ / ଯାଜପୁର